ସୂର୍ଯ୍ୟପ୍ରଭା
SURYAPRAVA

3rd DEC 2020

# ଆଇଆଇଟି ଭୁବନେଶ୍ୱରରେ ହେବ ନବମ ଦୀକ୍ଷାନ୍ତ ସମାରୋହ



॥ ପ୍ରଭାନ୍ୟୁଜ୍ ॥ ଜଟଣୀ, ୨।୧୨ : ଜଟଣୀସ୍ଥ ଆଇଆଇଟି ଭୁବନେଶ୍ୱରରେ ଶୁକ୍ରବାର ପାଳିତ ହେବ ଚଳିତ ବର୍ଷର ନବମ ଦୀକ୍ଷାନ୍ତ ସମାରୋହ । ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ ଶିକ୍ଷା ବିଭାଗୀୟ ମନ୍ତ୍ରୀ ଡ. ରମେଶ ପୋଖରୀୟଲ ନିଶଙ୍କ ଉଦ୍‌ବୋଧନ ଦେବେ । ଏଥିସହିତ ସମ୍ମାନିତ ଅତିଥିଭାବେ ଶିକ୍ଷା ବିଭାଗର ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ଓ ଚେୟାରମ୍ୟାନ ବୋର୍ଡ଼ ଅଫ ଗଭର୍ଣ୍ଣର୍ ଡ. ରାଜେନ୍ଦ୍ର ପ୍ରସାଦ ସିଂ ଯୋଗଦେବେ । ଏହି ଅବସରରେ ଆଇଆଇଟି ର ୪୪୬ ଜଣ ଛାତ୍ର ଛାତ୍ରୀମାନଙ୍କ ସହିତ ୩୫ ଜଣ ପିଏଚଡି, ୧୪୧ ଜଣ ଏମ୍‌ଟେକ୍, ୭୦ ଜଣ ଏମଏସସି ଏବଂ ୨୦୦ ଜଣ ବିଟେକ୍ ଡିଗ୍ରୀଧାରୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ । ଏତଦବ୍ୟତୀତ କମ୍ପ୍ୟୁଟର୍ ସାଇନ୍ସ ଆଣ୍ଡ ଇଞ୍ଜିନିଅରିଂ ବିଭାଗର ବିଟେକ୍ ଛାତ୍ର ଆଦିତ୍ୟ ପାଲ୍‌ଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ, ସ୍କୁଲ ଅଫ ଇନଫ୍ରାଷ୍ଟ୍ରକଚରର ଏମ୍‌ଟେକ୍ ଛାତ୍ର ସଂକେତ ଦେ ଚୌଧୁରୀ ଏବଂ ଫିସିକ୍ସ ସ୍କୁଲ ଅଫ ବେସିକ୍ ସାଇନ୍ସର ଏମଏସସି ଛାତ୍ର ଶୌଭିକ ଚକ୍ରବର୍ତ୍ତୀଙ୍କୁ ଡାଇରେକ୍ଟର ସ୍ୱର୍ଣ୍ଣପଦକ, ସେହିଭଳି ବିଟେକ୍ ବ୍ୟାଚ୍‌ର ଆଦିତ୍ୟ ପାଲ୍, ଅରବିନ୍ଦ୍ ଟିକେ ଆର୍, ଅଭିଷେକ ମିଶ୍ର, ଅମନ୍ ସିଂଘାଲ୍, ମନପୁରମ ଜ୍ୟୋତି ଭେଙ୍କଟ ସାଇ ଆଦିତ୍ୟ, ଶୁଭଜିତ୍ ମଣ୍ଡଲ ଏବଂ ଏମ୍‌ଟେକ୍ ବ୍ୟାଚ୍‌ର ସଂକେତ ଦେ ଚୌଧୁରୀ, ଦୁସାନେ ଅଜିଙ୍କିଆ ରାଜେନ୍ଦ୍ର, ପ୍ରିୟବ୍ରତ ଦାସ, ଅନୁପ କୁମାର ଯାଦବ, ଗୌରବ ଭଟ୍ଟାଚାର୍ଯ୍ୟ, ଖାଡ଼କେ ଲୀନା ସଞ୍ଜୟ ଏବଂ ଦେବଜିତ୍ ରଣା ଓ ଏମଏସସି ବ୍ୟାଚ୍‌ର ସୌଭିକ ଚକ୍ରବର୍ତ୍ତୀ, ଦେବବ୍ରତ ମଣ୍ଡଳ, ସୁଧେସ୍ନା ଗୋସ୍ୱାମୀ ଏବଂ ଅର୍କପ୍ରଭା ରାୟ ପ୍ରମୁଖଙ୍କୁ ଇନଷ୍ଟିଚ୍ୟୁଟ ସିଲଭର୍ ମେଡ଼ାଲ ପ୍ରଦାନ ସହ ସମ୍ମାନିତ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରତ୍ନମ ଭି. ରାଜକୁମାର । ଏହାବାଦ ଉକ୍ତଦିନ ତିନୋଟି ଗୁରୁତ୍ୱପୂର୍ଣ୍ଣ ନିର୍ମାଣକୁ ଉଦ୍‌ଘାଟିତ କରାଯିବ । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟ୍ରର ସୁବୋଧ କୁମାର ଏବଂ ଡିନ୍ ପ୍ରଭାସ୍ ରଞ୍ଜନ ସାହୁ, ଅତିରିକ୍ତ ରେଜିଷ୍ଟ୍ରାର ଦେବରାଜ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ପିଆରସେକ୍ସନ୍ ପକ୍ଷରୁ ଶାଲିନ ଶଶିଧରନ ପରିଚାଳନାରେ ସହଯୋଗ କରିଥିଲେ ।